# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ

( ଲଘୁ ଖଣିଜ ଶାଖା)

ସର୍ବସାଧାରଣ ବିଜ୍ଞପ୍ତି ନଂ. ୬୭୮୪ ତାରିଖ ୧୭/୧୨/୨୦୨୪

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି କି ଗଞ୍ଜାମ ଜିଲ୍ଲାରେ ୪୪୦ ଟି ସମ୍ଭାବ୍ୟ ଲଘୁ ଖଣିଜ ଉତ୍ସ, ଯଥା - ବାଲି ୯୫ଟି, ପଥର ୨୩୧ ଟି, ଏବଂ ମୋରମ୍ ୨୪ ଟି ଏବଂ ୬୩ ଟି ନିର୍ଦ୍ଦିଷ୍ଟ ଲଘୁ ଖଣିଜ ସମ୍ବନ୍ଧରେ ଜିଲ୍ଲା ସର୍ଭେ ରିପୋର୍ଟ (DSR) ର ଖସଡା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ବିଜ୍ଞପ୍ତି ତଥା SEIAA ତରଫରୁ ମିଳିଥିବା ନିର୍ଦ୍ଦେଶ ଅନୁଯାୟୀ ଉପଖଣ୍ଡ ସ୍ତରୀୟ କମିଟି ଦ୍ଵାରା ଗଞ୍ଜାମ ଜିଲ୍ଲା ପାଇଁ ପ୍ରସ୍ତୁତ କରାଯାଇଛି । ସମ୍ଭାବ୍ୟ DSR ସହିତ ସମସ୍ତ ଲଘୁ ଖଣିଜ ଉତ୍ସର ତାଲିକା ଜିଲ୍ଲା ୱେବସାଇଟ୍ (www.Ganjam.nic.in) ,ଡି.ଡି.ଏମ. ବ୍ରହ୍ମପୁର /ଖଣି ଅଧିକାରୀ ,ଗଞ୍ଜାମ / ସମସ୍ତ ବି.ଡି.ଓ / ସମସ୍ତ ତହସିଲଦାର/ ଉପ-ଜିଲ୍ଲାପାଳ, ବ୍ରହ୍ମପୁର, ଛତ୍ରପୁର ଓ ଭଞ୍ଜନଗର ଏବଂ ଜିଲ୍ଲାପାଳ, ଗଞ୍ଜାମ ଙ୍କ ଦପ୍ତରରେ ରେ ଉପଲବ୍ଧ ହୋଇଅଛି । ଯଦି, କୌଣସି ବ୍ୟକ୍ତି ବିଶେଷ ମାନଙ୍କର DSR ଉପରେ ମନ୍ତବ୍ୟ ଦେବାର ଥାଏ ସେମାନେ ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ଲଘୁ ଖଣିଜ ଅଧିକାରୀ, ଗଞ୍ଜାମ ଙ୍କ ନିକଟରେ ମନ୍ତବ୍ୟ ଦାଖଲ କରିପାରିବେ । ପ୍ରକାଶନ ତାରିଖ ଠାରୁ ୩୦ ଦିନ ପରେ ପ୍ରାପ୍ତ ହୋଇଥବା ମନ୍ତବ୍ୟ ଗ୍ରହଣ କରାଯିବ ନାହିଁ ଏବଂ ଜିଲ୍ଲା ସର୍ଭେ ରିପୋର୍ଟ (DSR) ର ଡ୍ରାଫ୍ଟ ଅନୁମୋଦନ ନିମନ୍ତେ SEIAA କୁ ପଠାଯିବ |

ଜିଲ୍ଲାପାଳ, ଗଞ୍ଜାମ